# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 07th February – 2026

****************************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଲୋକସେବା ଭବନରେ ବଜେଟ୍ ପ୍ରସ୍ତାବ ନେଇ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

- ୨୦୪୭ ମସିହା ସୁଦ୍ଧା ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ ଅଞ୍ଚଳର ଆକାର ୫ ଶହ ବିଲିୟନ୍ ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି ସରକାର ।

- କେନ୍ଦ୍ର ବଜେଟ୍-୨୦୨୬-୨୭ ଭବିଷ୍ୟତବାଦୀ, ଯୁବଶକ୍ତି କୈନ୍ଦ୍ରିକ, ଜନହିତକର ଓ ନିଯୁକ୍ତିଭିତ୍ତିକ; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ରାଜ୍ୟର ମହିଳାଙ୍କୁ ସମାନତା, ସୁରକ୍ଷା ଓ ସଶକ୍ତ କରିବାପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ।

ଏବଂ

- କଟକ ସତ୍ୟବ୍ରତ ଷ୍ଟାଡିୟମ୍‌ରେ ୫୧ତମ ରାଜ୍ୟସ୍ତରୀୟ ଅବକାରୀ କ୍ରୀଡ଼ା ସମାରୋହ ଉଦ୍‌ଘାଟିତ ।

***Desk***

# ମୁଖ୍ୟମନ୍ତ୍ରୀ - ବଜେଟ୍ ପ୍ରସ୍ତାବ

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗରେ ଖର୍ଚ୍ଚ ପରିମାଣ ଏବଂ ଆସନ୍ତା ଆର୍ଥିକ ବର୍ଷ ନିମନ୍ତେ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବଜେଟ୍ ପ୍ରସ୍ତାବର ଆଜି ସମୀକ୍ଷା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ବଜେଟ୍ ସମ୍ପର୍କରେ ମତାମତ ଲୋଡ଼ିବା ସହ ବିଚାରବିମର୍ଶ କରିଥିବା ଜଣାପଡ଼ିଛି । ଚଳିତ ବଜେଟ୍ ପାଇଁ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରାଯାଇଥିଲା । ଏହା ପୂର୍ବରୁ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ମୁଖ୍ୟମନ୍ତ୍ରୀ' ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ବିଧାନସଭାର ବଜେଟ୍ ଅଧିବେଶନ ଚଳିତ ମାସ ୧୭ ତାରିଖରୁ ଆରମ୍ଭ ହେବ ଏବଂ ୨୦ ତାରିଖରେ ବଜେଟ୍ ଉପସ୍ଥାପନ କରାଯିବ ।

***BBSR/R***

# ଅର୍ଥନୈତିକ କରିଡର

୨୦୪୭ ମସିହା ସୁଦ୍ଧା ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ ଅଞ୍ଚଳ - ବି.ସି.ପି.ପି.ଇ.ଆର୍.ର ଆକାର ୫ ଶହ ବିଲିୟନ୍

ଡଲାର୍‌ରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବି.ସି.ପି.ପି.ଇ.ଆର୍. ପାଇଁ ଏକ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ସମଗ୍ର ଅଞ୍ଚଳକୁ ବିକାଶ ଏବଂ ସମୃଦ୍ଧିର ପ୍ରୟୋଗଶାଳା କରାଯିବ । ଭାରତର ଅଭିବୃଦ୍ଧି ଯାତ୍ରାରେ ଏହି ଅଞ୍ଚଳ ଏକ ନୂତନ ମାଇଲ୍‌ଖୁଣ୍ଟ ଭାବେ ସାବ୍ୟସ୍ତ ହେବ । ଅଞ୍ଚଳଗୁଡ଼ିକୁ ଆଧୁନିକ ଭିତ୍ତିଭୂମି ସହ ଯୋଡ଼ାଯିବ ଏବଂ ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ପ୍ରକାର ପ୍ରକଳ୍ପ ସ୍ଥାପନ କରାଯିବ । ମେଟାଲ୍ ଡାଉନ୍‌ଷ୍ଟ୍ରିମ୍, ବାୟୋଟେକ୍, ଟେକ୍ସଟାଇଲ୍, କେମିକାଲ୍, ପର୍ଯ୍ୟଟନ, ଶିକ୍ଷା ଓ ଆଇ.ଟି. ପରି ୮୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଯୋଜନା ସହ ୩୦ରୁ ଊର୍ଦ୍ଧ୍ୱ ନୀତି ନିର୍ଦ୍ଧାରଣ କରାଯାଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ସାମାଜିକ ପରିବେଶ ଦାୟିତ୍ୱବୋଧତାପାଇଁ ୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***PIB***

## ରାଜ୍ୟପାଳ

ଖଣିଜ ସମ୍ପଦରେ ଭରପୂର ଓଡ଼ିଶା ଦେଶର ଦ୍ରୁତ ଶିଳ୍ପବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି କହିଛନ୍ତି । ଭୁବନେଶ୍ୱର ଲୋକଭବନଠାରେ ଓଡ଼ିଶା ଗସ୍ତରେ ଥିବା ତାମିଲ୍‌ନାଡୁର ୧୫ ଜଣିଆ ଗଣମାଧ୍ୟମ ପ୍ରତିନିଧି ଦଳ ଭେଟିବା ଅବସରରେ

ରାଜ୍ୟପାଳ କହିଛନ୍ତି, ରାଜ୍ୟର ଦୃଢ଼ ଆର୍ଥିକ ସ୍ଥିରତା ରହିଛି । ଖଣିଜ ନୀତିରେ ପରିବର୍ତ୍ତନ କରାଯାଇ ରୟାଲ୍‌ଟି ବଦଳରେ ଖଣି ନିଲାମ ଆରମ୍ଭ ହୋଇଛି, ଯାହାଦ୍ୱାରା ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ଭାବେ ଉଭା ହୋଇଛି । ନୀତି ପରିବର୍ତ୍ତନଦ୍ୱାରା ରାଜ୍ୟ ରାଜକୋଷ ୧୨ ହଜାର କୋଟିରୁ ୫୦ ହଜାର କୋଟିକୁ ବୃଦ୍ଧି ପାଇଛି । ସ୍ୱର୍ଣ୍ଣ ଚତୁର୍ଭୁଜ ସମେତ ରାଜ୍ୟ ଦେଇ ଯାଇଥିବା ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପ ଓଡ଼ିଶାର ସଡ଼କ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ କ୍ଷେତ୍ରକୁ ସୁଦୃଢ଼ କରିଛି ବୋଲି ରାଜ୍ୟପାଳ କହିଛନ୍ତି ।

***BBSR/R***

# ଧର୍ମେନ୍ଦ୍ର - ବଜେଟ୍

କେନ୍ଦ୍ର ବଜେଟ୍-୨୦୨୬-୨୭ ଏକ ଭବିଷ୍ୟତବାଦୀ, ଯୁବଶକ୍ତିକୈନ୍ଦ୍ରିକ, ଜନହିତକର ଓ ନିଯୁକ୍ତିଭିତ୍ତିକ ବଜେଟ୍ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଭୁବନେଶ୍ୱରଠାରେ କେନ୍ଦ୍ରୀୟ ବଜେଟ୍‌କୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଚଳିତ ବଜେଟ୍‌ରେ ୬ଟି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି । ଭିତ୍ତିଭୂମି ପାଇଁ ୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ । ସବ୍ କା ସାଥ୍, ସବ୍ କା ବିକାଶକୁ ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି । ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି । ଗତ ୧୦ ବର୍ଷ ମଧ୍ୟରେ ଦେଶର ଅର୍ଥନୀତି ୪ ଟ୍ରିଲିୟନ୍ ଡଲାର ଅତିକ୍ରମ କରିସାରିଛି । ୨୦୪୭ ମସିହା ସୁଦ୍ଧା ଭାରତର

ଅର୍ଥନୀତିକ ୩୦ ଟ୍ରିଲିୟନ୍ ଡଲାରରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

***Voice (Pradhan)*** :.........

୨୦୧୬ ମସିହାରେ ଦେଶରେ ୫ ଶହଟି ଷ୍ଟାର୍ଟଅପ୍ ଥିଲା । ବର୍ତ୍ତମାନ ଏହା ୨ ଲକ୍ଷକୁ ବୃଦ୍ଧି ପାଇଛି । ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ହେବା ସହ ୫୫ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖାରୁ ମୁକ୍ତ ହୋଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

***Puri/R***

# ମଜଦୁର ସଂଘ - ପ୍ରଭାତୀ ପରିଡ଼ା

ରାଜ୍ୟର ମହିଳାଙ୍କୁ ସମାନତା, ସୁରକ୍ଷା ଓ ସଶକ୍ତ କରିବା ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ପୁରୀଠାରେ ଭାରତୀୟ ମଜଦୁର ସଂଘର ତ୍ରୟୋବାର୍ଷିକ ଅଧିବେଶନରେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି, ଉଭୟ ସଙ୍ଗଠିତ ଓ ଅଣସଙ୍ଗଠିତ କ୍ଷେତ୍ରରେ ମହିଳା ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାରେ ସୁଭଦ୍ରା ଯୋଜନା ଓ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରାଯାଇଛି । ରାଜ୍ୟରେ ବର୍ତ୍ତମାନ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି । ଟ୍ରେଡ୍ ୟୁନିୟନ୍ ଆନ୍ଦୋଳନରେ "ମହିଳାଙ୍କ ଯୋଗଦାନ ବୃଦ୍ଧି : ଆହ୍ୱାନ ଓ ସୁଯୋଗ" ପ୍ରସଙ୍ଗରେ ଆୟୋଜିତ

ଅଧିବେଶନରେ ରାଷ୍ଟ୍ରୀୟ ମହିଳା ଆୟୋଗ ଅଧ୍ୟକ୍ଷା ବିଜୟା ରାହତ୍‌କର ଯୋଗଦେଇ କେନ୍ଦ୍ର ସରକାର ମହିଳାଙ୍କ ପାଇଁ ପ୍ରଣୟନ କରିଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ ।

***Boudh/R***

## ଜନଗଣନା ସମୀକ୍ଷା-ପ୍ରଶିକ୍ଷଣ

ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆଗାମୀ ଜନଗଣନା-୨୦୨୭ ସମ୍ପର୍କିତ ଏକଦିବସୀୟ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନଗଣନା ସମୟରେ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଏବଂ କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଦାୟିତ୍ୱ ସମ୍ପର୍କରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଆଲୋଚନା କରିଥିଲେ ।

***Nayagarh/R***

## ବନାଗ୍ନି ତାଲିମ ଶିବିର

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ପକ୍ଷରୁ ବନାଗ୍ନି ସଚେତନତା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ଗାଁ ବନାଞ୍ଚଳ ଅଧିକାରୀଙ୍କ ସମେତ

ବିଭାଗୀୟ କର୍ମଚାରୀମାନେ ଯୋଗଦେଇ ଜଙ୍ଗଲରେ ନିଆଁ ଲାଗିବାଦ୍ୱାରା ହେଉଥିବା କ୍ଷୟକ୍ଷତି ଏବଂ ଏନେଇ ସତର୍କ ରହିବା ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି, ବନ ସୁରକ୍ଷା ସମିତିର ସଭାପତି, ସମ୍ପାଦକ ଏବଂ ଗଜସାଥୀ ଶିବିରରେ ଯୋଗ ଦେଇଥିଲେ ।

***Nayagarh/R***

# ଆଇନ ସଚେତନତା ଶିବିର

ନୟାଗଡ଼ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଦଶପଲ୍ଲା ବ୍ଲକ୍ ଘୁଗୁଡ଼ିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶ୍ରମିକଙ୍କ ସମସ୍ୟା ସମ୍ପର୍କିତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରମିକ ସମସ୍ୟାର ନିରାକରଣ ଏବଂ ଆଇନଗତ ସହାୟତା ସମ୍ପର୍କରେ ପରାମର୍ଶ ଦେଇଥିଲେ ।

***Malkangiri/R***

# ବାଲ୍ ବିବାହ ମୁକ୍ତି ରଥ

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଶିଶୁ ବିବାହମୁକ୍ତ ଭାରତ ଗଠନ ଲକ୍ଷ୍ୟନେଇ ବାଲ୍ ବିବାହ ମୁକ୍ତି ରଥ ଉଦ୍‌ଘାଟିତ

ହୋଇଯାଇଛି । ଏହି ସଚେତନତା ରଥ ଆଗାମୀ ୧୦ ଦିନ ଧରି ଜିଲ୍ଲାର ସମସ୍ତ ଗ୍ରାମ ପରିଭ୍ରମଣ କରିବ ।

***Rayagada/R***

## ନିଯୁକ୍ତିମେଳା

ରାୟଗଡ଼ା ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ବିଷମ କଟକ ମିନି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ମେଳାରେ ୫୫ଟି ନିଯୁକ୍ତିଦାତା ସଂସ୍ଥା ସହ ୧୧ଟି ସରକାରୀ ସଂସ୍ଥା ସାମିଲ୍ ହୋଇଥିଲେ । ପ୍ରାୟ ୧ ହଜାର ୭ ଶହରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ । ମେଳାରେ ବିଧାୟକ ନୀଳମାଧବ ହିକ୍କାଙ୍କ ସମେତ ଗୁଣୁପୁର ଉପଜିଲ୍ଲାପାଳ, ଜିଲ୍ଲା ନିଯୋଜନ ଅଧିକାରୀ ଉପସ୍ଥିତ ଥିଲେ ।

***Boudh/R***

## ସମବାୟ ଦକ୍ଷତା ତାଲିମ୍

ବୌଦ୍ଧ ଆର୍.ଏମ୍.ସି.ଠାରେ ସମବାୟ ଦକ୍ଷତା ଅଭିବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସମବାୟ

ସଂଘର ନିର୍ଦ୍ଦେଶକ କିଶୋର କୁମାର ମେହେର ଯୋଗ ଦେଇଥିଲେ । ଶିବିରରେ ୫୦ ଜଣ ଅଂଶଗ୍ରହଣ କରିଥିଲେ ।

***Cuttack/R***

# ଅବକାରୀ କ୍ରୀଡ଼ା ପ୍ରତିଯୋଗିତା

ରାଜ୍ୟରେ ନିଶା କାରବାର ରୋକିବା କ୍ଷେତ୍ରରେ ଅବକାରୀ ବିଭାଗ ଗତବର୍ଷ ତୁଳନାରେ ଚଳିତ ବର୍ଷ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଅବକାରୀ ବିଭାଗ ଯୋଗୁଁ ସମାଜରେ ଶାନ୍ତି ସ୍ଥାପନ ହୋଇପାରୁଛି ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ  କହିଛନ୍ତି । ରାଜ୍ୟ ଅବକାରୀ କ୍ରୀଡ଼ା କମିଟି ପକ୍ଷରୁ କଟକ ସତ୍ୟବ୍ରତ ଷ୍ଟାଡିୟମ୍‌ଠାରେ ଦୁଇଦିନିଆ ୫୧ତମ ରାଜ୍ୟସ୍ତରୀୟ କ୍ରୀଡ଼ା ସମାରୋହକୁ ଉଦ୍‌ଘାଟନ କରି’ ନିଜ ବୃତ୍ତିକୁ ଭଲ ପାଇଲେ ଜୀବନରେ ସଫଳତା ହାସଲ କରିହେବ ବୋଲି ମନ୍ତ୍ରୀ କହିଛନ୍ତି ।

***Voice (Harichandan)*** :.......

ପ୍ରତିଯୋଗିତାରେ ୫ ଶହରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଭାଗ ନେଇଛନ୍ତି ।

***Jajpur, Cuttack, Nayagarh/R***

# ଏଥର କିଛି ସମ୍ବାଦ ସଂକ୍ଷେପରେ......

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ଆଜି ଯାଜପୁର ଜିଲ୍ଲା ଗସ୍ତକରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି ।

କଟକ ବାଲିଯାତ୍ରା ପଡ଼ିଆରେ ସ୍ୱଦେଶୀ ମେଳା-୨୦୨୬ ଆୟୋଜିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ବୟନ ଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ମେଳାରେ ହସ୍ତତନ୍ତ ଓ ଝୋଟର ଗୁଣବତ୍ତା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ନୟାଗଡ଼ ଜିଲ୍ଲା ଦଶପଲ୍ଲା ଓ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାୟାକଳ୍ପ ଟିମ୍ ପରିଦର୍ଶନ କରି ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ।

ଯାଜପୁର ଜିଲ୍ଲା ଦାନଗଦି ବ୍ଲକ୍ ଗହୀରପାଟୁଳିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବକୁ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉଦ୍‌ଘାଟନ କରିଛନ୍ତି ।

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ସଭାଗୃହରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।

***Boudh/R***

## ଫୁଟବଲ୍

ବୌଦ୍ଧ ଜିଲ୍ଲା ସରସରା ହାଇସ୍କୁଲ୍ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍‌ର ଆଜିର ମ୍ୟାଚ୍‌ରେ ସ୍ପୋର୍ଟସ୍ ହଷ୍ଟେଲ୍-ଫୁଲବାଣୀ ଦଳ ବିଜୟୀ ହୋଇଛି । ବିଜୟୀ ଦଳ ୩-୦ ଗୋଲ୍‌ରେ ସୁରେଶ୍ୱରୀ ଏକାଡେମୀ-

ସୁବର୍ଣ୍ଣପୁରକୁ ପରାସ୍ତ କରିଛି । ଆସନ୍ତାକାଲି ଦ୍ୱିଦୀୟ ସେମିଫାଇନାଲ୍‌ରେ ଫୁଲବାଣୀ ଦଳ ଭୁବନେଶ୍ୱରକୁ ଭେଟିବ ।

******